ଓଡିଶା ସରକାର

# ୨୦୦୧ – ୨୦୦୨

# ଆର୍ଥିକ ବର୍ଷର ବଜେଟ

ଓଡିଶା ବିଧାନ ସଭାରେ ଉପସ୍ଥାପନ କରି

ରାଜ୍ୟ ଅର୍ଥ ମନ୍ତ୍ରୀ

ଶ୍ରୀଯୁକ୍ତ ରାମକୃଷ୍ଣ ପଟ୍ଟନାୟକଙ୍କ

ଅଭିଭାଷଣ

ମାର୍ଚ୍ଚ ୮, ୨୦୦୧

ଓଡିଶା ସରକାର

୨୦୦୧ – ୨୦୦୨

ଆର୍ଥିକ ବର୍ଷର ବଜେଟ୍

ଓଡିଶା ବିଧାନ ସଭାରେ ଉପସ୍ଥାପନ କରି

ରାଜ୍ୟ ଅର୍ଥ ମନ୍ତ୍ରୀ

ଶ୍ରୀଯୁକ୍ତ ରାମକୃଷ୍ଣ ପଟ୍ଟନାୟକଙ୍କ

ଅଭିଭାଷଣ

ମାର୍ଚ୍ଚ ୮, ୨୦୦୧

ବାଚସ୍ପତି ମହୋଦୟ,

ଆସନ୍ତା ଆର୍ଥିକ ବର୍ଷ 2001-02 ର ପୂର୍ଣ୍ଣାଙ୍ଗ ବଜେଟ ଏହି ପବିତ୍ର ଗୃହରେ ଉପସ୍ଥାପନ କରିବାପାଇଁ ମୋତେ ପୁନର୍ବାର ସୁଯୋଗ ମିଳିଥିବାରୁ ମୁଁ ସର୍ବପ୍ରଥମେ ଆପଣଙ୍କୁ ତଥା ଏହି ମହାନ ଗୃହର ସମସ୍ତ ମାନ୍ୟବର ସଦସ୍ୟମାନଙ୍କୁ ମୋର ଆନ୍ତରିକ କୃତଜ୍ଞତା ତଥା ସାଧୁବାଦ ଅର୍ପଣ କରୁଛି । ମୁଁ ଏହି ଅବକାଶରେ ଗୃହର ସମସ୍ତ ମାନ୍ୟବର ସଦସ୍ୟମାନଙ୍କୁ ନବ ବର୍ଷର ଶୁଭେଚ୍ଛା ଜ୍ଞାପନକରୁଛି । 1999 ମସିହାର ଅଭୂତପୂର୍ବ ମହାବାତ୍ୟା ପରେପରେ ଗତବର୍ଷର ଲେଖା ଅନୁଦାନ ବଜେଟ ଉପସ୍ଥାପନ କରିବା ଅବସରରେ ଏବଂ 2000-01ମସିହାର ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ ବେଳେ ରାଜ୍ୟର ଗମ୍ଭୀର ଅର୍ଥନୈତିକ ସମସ୍ୟା ବିଷୟରେ ଏ ଗୃହର ମାନ୍ୟବର ସଦସ୍ୟମାନଙ୍କୁ ଯଥୋଚିତ ଭାବରେ ଅବଗତ କରାଇଥିଲି । ଆମ୍ଭମାନଙ୍କ ଦୁର୍ଭାଗ୍ୟ ଯେ ଏହି ମହାବାତ୍ୟାର କରାଳ ଉତ୍ପୀଡନରୁ ନ ଉଧୁରୁଣୁ ଚଳିତ ବର୍ଷ ପୁଣି ଏ ରାଜ୍ୟ ଏକ ମହାମରୁଡିର ସମ୍ମୁଖୀନ ହୋଇଛି । ଧାରାବାହିକ ଭାବରେ ପ୍ରାକୃତିକ ଦୁର୍ବିପାକର ତାଡନାରେ ସ୍ୱାଭାବିକ ଭାବେ ଥିବା ଏ ରାଜ୍ୟର ଦୁର୍ବଳ ଅର୍ଥନୈତିକ ସ୍ଥିତି ଆହୁରି ଦୋହଲି ଯାଇଛି । ଏହି ଭିତ୍ତିଭୂମି ଉପରେ ମୋତେ ଆସନ୍ତା ବର୍ଷର ବଜେଟ ଅଟକଳ ଉପସ୍ଥାପନ କରିବାକୁ ପଡୁଛି । ମୁଁ ଆଶା କରୁଛି ମାନ୍ୟବର

ସଭ୍ୟମାନେ ଏହି ଗମ୍ଭୀର ପରିସ୍ଥିତିକୁ ଉପଲବ୍ଧି କରି ବଜେଟ ଆଲୋଚନାବେଳେ ସେମାନଙ୍କ ସୁଚିନ୍ତିତ ମତାମତ ପ୍ରଦାନ କରିବେ । ଗତ ବଜେଟ ଆଲୋଚନା ବେଳେ ଦଳମତ ନିର୍ବିଶେଷରେ ଏ ଗୃହର ମାନ୍ୟବର ସଭ୍ୟମାନେ ରାଜ୍ୟର ସାମଗ୍ରୀକ ଉନ୍ନତି ଓ ସଙ୍କଟମୋଚନ ପାଇଁ ଯେଉଁ ମୂଲ୍ୟବାନ ପରାମର୍ଶ ପ୍ରଦାନ କରିଥିଲେ, ତାହାକୁ ପାଥେୟ କରି ମୁଁ ଚଳିତ ଆର୍ଥିକ ବର୍ଷର ସଂଶୋଧିତ ବଜେଟ ଓ ଆସନ୍ତା ବର୍ଷର ବଜେଟ ଅଟକଳ ଉପସ୍ଥାପନ କରିବାକୁ ସମର୍ଥ ହୋଇଛି ।

2. ମହୋଦୟ, ଆସନ୍ତା ବର୍ଷର ବଜେଟ ଅଟକଳ ବାବଦରେ ସୂଚନା ଦେବା ପୂର୍ବରୁ ଚଳିତ ଆର୍ଥିକ ବର୍ଷର ସଂଶୋଧିତ ବଜେଟ ଅଟକଳ ଉପସ୍ଥାପନ କଲାବେଳେ ଚଳିତ ବର୍ଷ ବଜେଟରେ ଅନୁଦାନ, ସାଧନ, ଉପଲବ୍ଧି ଓ ପ୍ରକ୍ରିୟା ବାବଦରେ ମୁଁ ସଂକ୍ଷେପ ସୂଚନା ଦେବା ପାଇଁ ଚାହେଁ ।

<u>2000–01 ଆର୍ଥିକ ବର୍ଷ ପାଇଁ ସଂଶୋଧିତ ଅଟକଳ</u>

3. ବାଚସ୍ପତି ମହୋଦୟ, ମୁଁ ଏଠାରେ ସ୍ମରଣ କରାଇଦେବାକୁ ଚାହେଁ ଯେ ଚଳିତ ଆର୍ଥିକ ବର୍ଷ 2000–01ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଅଟକଳ 28.06.2000 ରେ ଏହି ମହାନ ଗୃହରେ ଉପସ୍ଥାପନ କଲାବେଳେ ରାଜ୍ୟ ଯୋଜନାର କଳେବର 2880.80 କୋଟି

ଟଙ୍କାର ହେବ ବୋଲି ଆକଳନ କରାଯାଇଥିଲା । ସେହିଭଳି ସରକାରୀ ଉଦ୍ୟୋଗ ଗୁଡିକ 500.87 କୋଟି ଟଙ୍କାର ଯୋଜନା ବ୍ୟୟ କରିବେ ବୋଲି ଅଟକଳ କରାଯାଇଥିଲା । ରାଜ୍ୟ ଯୋଜନାର ଆକାର 2880.80 କୋଟି ଟଙ୍କାରେ ଧାର୍ଯ୍ୟ କଲାବେଳେ ବିଭିନ୍ନ ଟିକସ ଓ ଅଣଟିକସ ବାବଦରୁ ଅତିରିକ୍ତ ସମ୍ବଳ 317.00 କୋଟି ଟଙ୍କା ଆଦାୟ ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଏତଦ୍ ବ୍ୟତିତ ଗ୍ରୀଡ୍‌କୋ, ବିଭିନ୍ନ କେନ୍ଦ୍ର ଉଦ୍ୟୋଗ ଗୁଡିକର ପ୍ରାପ୍ୟ ଦେବାରେ ଅବହେଳା କରିଥିବା ଯୋଗୁଁ କେନ୍ଦ୍ର ସରକାର ରାଜ୍ୟ ଯୋଜନା ସାହାଯ୍ୟ ଅର୍ଥରୁ ଯେଉଁ 193.00 କୋଟି ଟଙ୍କା ବିଭିନ୍ନ ସମୟରେ କାଟି ରଖିଥିଲେ ସେ ବାବଦକୁ ଗ୍ରୀଡ୍‌କୋ ରାଜ୍ୟ ସରକାରଙ୍କୁ 193.00 କୋଟି ଟଙ୍କା ଫେରାଇ ଦେବ ବୋଲି ଦେଇଥିବା ପ୍ରତିଶ୍ରୁତି ଭିତ୍ତିରେ ଚଳିତ ବର୍ଷର ବଜେଟରେ ବାହାର ପ୍ରାପ୍ତିକୁ ଅଟକଳ କରାଯାଇଥିଲା । ସେହିଭଳି ରାଜ୍ୟ ସରକାର ଫେବ୍ରୁୟାରୀ, 1999 ରେ ଗ୍ରୀଡ୍‌କୋକୁ ଦେଇଥିବା 120.00 କୋଟି ଟଙ୍କାର ସାଧନୋପାୟ ଅଗ୍ରୀମ (Ways & Means Advance) ବାବଦକୁ ଗ୍ରୀଡ୍‌କୋ ଠାରୁ 95.00 କୋଟି ଟଙ୍କା ଫେରସ୍ତ ପାଇବା ପାଇଁ ଆଶା ରଖି ଚଳିତ ବର୍ଷର ବଜେଟରେ ବ୍ୟବସ୍ଥା କରାଯାଇଥିଲା । କିନ୍ତୁ ଗ୍ରୀଡ୍‌କୋ ର ଆର୍ଥିକ ସ୍ଥିତି ଦୃଷ୍ଟିରୁ ଗ୍ରୀଡ୍‌କୋ ଠାରୁ ଏହି 288.00 କୋଟି ଟଙ୍କା ଚଳିତ ଆର୍ଥିକ ବର୍ଷରେ ଫେରି ପାଇବାର ଆଶା ଅତୀବ କ୍ଷୀଣ ଦେଖାଯାଉଛି । ସେହିଭଳି ଚଳିତ

ବର୍ଷ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଚାଲୁ ରଖିବାପାଇଁ ବିଭିନ୍ନ ଆଲୋଚନା ଓ ସମାଲୋଚନା ପରେ କେନ୍ଦ୍ର ସରକାରଙ୍କଠାରୁ 635.54 କୋଟି ଟଙ୍କା ବିଶେଷ ସାହାଯ୍ୟ ମିଳିବ ବୋଲି ଯାହା ଆଶା କରାଯାଇଥିଲା ତାହା ଗୁଜୁରାଟର ପ୍ରାକୃତିକ ବିପର୍ଯ୍ୟୟ ପରେ କେନ୍ଦ୍ର ସରକାରଙ୍କ ଉପରେ ପଡିଥିବା ପୁଣି ଏକ ଗୁରୁଦାୟିତ୍ୱ ଦୃଷ୍ଟିରୁ ପାଇବା ସମ୍ଭାବନା ନିସ୍ପ୍ରଭ ହୋଇ ପଡିଛି । ମୁଖ୍ୟତଃ ଏହି ଦୁଇଟି ବିଭାବରେ ଲକ୍ଷ୍ୟ ପୂରଣ ଆଶା ସୁଦୂର ପରାହତ ମନେହେଉଥିବାରୁ ରାଜ୍ୟ ଯୋଜନା ବାବଦରେ ଅଟକଳ କରାଯାଇଥିବା 2440.40 କୋଟି ଟଙ୍କାରୁ 923.54 କୋଟି ଟଙ୍କାର ସମ୍ବଳ ନଅଣ୍ଟ ପଡିବା ପ୍ରାୟ ସୁନିଶ୍ଚିତ ବୋଲି ଉପଲବ୍ଧି କରାଯାଉଛି ।

4. ଚଳିତ ବର୍ଷ ଯେଉଁ ଯେଉଁ ବାବଦରୁ ଅତିରିକ୍ତ ସମ୍ବଳ ସଂଗ୍ରହ କରି 317.00 କୋଟି ଟଙ୍କା ଆୟ କରାଯିବ ବୋଲି ଆକଳନ କରାଯାଇଥିଲା ତାହାର ଏକ ବିବରଣୀ ସାରଣୀ-(୧) ରେ ବର୍ଣ୍ଣିତ ହୋଇଅଛି ।

## ସାରଣୀ-୧

(କୋଟି ଟଙ୍କା ହିସାବରେ)

| କ୍ରମିକ ନଂ. | ଅତିରିକ୍ତ ସମ୍ବଳ ସଂଗ୍ରହର ସଂକ୍ଷିପ୍ତ ବିବରଣୀ | ଅଟକଳ କରାଯାଇଥିବା ଅତିରିକ୍ତ ସମ୍ବଳର ପରିମାଣ |
|---|---|---|
| 1. | ଭୂରାଜସ୍ୱ ଉପରେ ପ୍ରଚଳିତ ସେସ୍‌ର ହାର ବୃଦ୍ଧି, ଭୂରାଜସ୍ୱ ପୁନଃ ପ୍ରଚଳନ, କୃଷି ଜମିକୁ ଅଣ କୃଷି ଉଦ୍ଦେଶ୍ୟରେ ବ୍ୟବହାର କରିବା ଉପରେ ପ୍ରିମିୟମ ଆଦାୟ ଇତ୍ୟାଦି | 17.00 |
| 2. | ଷ୍ଟାମ୍ପ ଡ୍ୟୁଟି ଓ ରେଜିଷ୍ଟ୍ରେସନ ଫି ସଂଶୋଧନ ଓ ସମୀକରଣ | 30.00 |
| 3. | ଆନ୍ଧ୍ର ଓ ତାମିଲ୍‌ନାଡୁ ରେ ପ୍ରଚଳିତ ଅବକାରୀ ନୀତି ଢାଞ୍ଚାରେ ମଦ ନିଗମ ଗଠନ କରିଆରେ ମଦ ବିକ୍ରୀର ପାଇକାରୀ କାରାବାର | 80.00 |
| 4. | ବିକ୍ରୀକର ହାରର ସମୀକରଣ ଓ ଦେଶୀ ମଦ ଉପରେ ବିକ୍ରୀକର ଧାର୍ଯ୍ୟ ଇତ୍ୟାଦି | 65.00 |
| 5. | ନୂତନ ଭାବେ ପ୍ରଚଳିତ ଓଡିଶା ପ୍ରବେଶକର ଆଇନ୍ ସଂଶୋଧନ କରିଆରେ ଏହାର ଭିତ୍ତିଭୂମି ପ୍ରସାରଣ | 75.00 |

| | | |
|---|---|---|
| 6. | ଜଳକର ହାର ବୃଦ୍ଧି ଓ ଶିଳ୍ପ ଦ୍ୱାରା ବ୍ୟବହୃତ ଜଳ ଉପରେ ବକେୟା ଜଳକର ଆଦାୟ | 10.00 |
| 7. | ନୂତନ ଭାବେ ବୃତ୍ତିକର ପ୍ରଚଳନ | 40.00 |
| ମୋଟ :- | | 317.00 |

ଅତିରିକ୍ତ ସମ୍ବଳ ସଂଗ୍ରହ ପାଇଁ ଯେଉଁ ସବୁ ପଦକ୍ଷେପ ନିଆଯିବ ବୋଲି ସରକାର ସ୍ଥିର କରିଥିଲେ ତାହା ଭିତରୁ କେତେଗୁଡିଏ ପ୍ରସ୍ତାବ କାର୍ଯ୍ୟକାରୀ କରିବାରେ ବିଳମ୍ବ ହେବାଯୋଗୁ ଏ ବାବଦରୁ ବର୍ଷ ଶେଷ ସୁଦ୍ଧା ଆକଳିତ ପରିମାଣରୁ 155.00 କୋଟି ଟଙ୍କା ନଅଣ୍ଟ ହେବା ଆଶା କରାଯାଉଛି । ତାହାର ଏକ ବିବରଣୀ ମାନ୍ୟବର ସଭ୍ୟମାନଙ୍କ ଅବଗତି ନିମନ୍ତେ ସାରଣୀ-୨ ରେ ଉପସ୍ଥାପନ କରୁଅଛି ।

## ସାରଣୀ–୨

(କୋଟି ଟଙ୍କା ହିସାବରେ)

| ଟିକସ ଓ ଅଣଟିକସ | 2000–01 ବର୍ଷ ପାଇଁ କରାଯାଇଥିବା ବଜେଟ ଅଟକଳ | ଜାନୁଆରୀ 2001 ସୁଦ୍ଧା ଆଦାୟ କରାଯାଇଥିବା ଟଙ୍କାର ପରିମାଣ | ବର୍ଷ ଶେଷ ସୁଦ୍ଧା ବଜେଟ ଅଟକଳରୁ ହ୍ରାସ (–)/ବୃଦ୍ଧି (+)ର ପରିମାଣ |
|---|---|---|---|
| ଭୂ–ରାଜସ୍ୱ | 80.00 | 25.66 | (–) 24.00 |
| ଅବକାରୀ | 220.00 | 107.15 | (–) 50.00 |
| ବିକ୍ରୀ କର | 1320.00 | 1016.30 | ବହୁ ବୃଦ୍ଧିହେବା ସମ୍ଭାବନା |
| ବିଦ୍ୟୁତ୍ ଶୁଳ୍କ(ଇଲେକ୍ଟ୍ରିସିଟି ଡ୍ୟୁଟି) | 150.00 | 102.57 | (–) 15.00 |
| ଷ୍ଟାମ୍ପ ଓ ରେଜିଷ୍ଟ୍ରେସ | 140.00 | 83.05 | (–) 20.00 |

| | | | |
|---|---|---|---|
| ନ ଫି | | | |
| ପ୍ରମୋଦ କର ଓ ବିଳାସ କର | 6.00 | 11.12 | – |
| ବୃତ୍ତିକର | 40.00 | 3.89 | (–) 10.00 |
| ମୋଟ ନିଅଣ୍ଟ | – | – | (–) 155.00 |
| ପ୍ରବେଶ କର | 150.00 | 145.65 | ବହୁ ବୃଦ୍ଧିହେବା ସମ୍ଭାବନା |
| ମୋଟାମୋଟି ନିଅଣ୍ଟ | 2322.00 | 1631.28 | (–) 155.00 |

5. ଯଦିଓ ଉପରୋକ୍ତ ସାରଣୀ ବର୍ଣ୍ଣିତ ସୂଚୀମୁତାବକ ବର୍ଷ ଶେଷ ବେଳକୁ ବିଭିନ୍ନ ଟିକସ ବାବଦରୁ ପ୍ରାୟ 155.00 କୋଟି ଟଙ୍କା କମ୍ ହେବ ବୋଲି ଆକଳନ କରାଯାଇଛି, ତେବେ ବିକ୍ରୀକର ବାବଦ ଟିକସ ଫାଙ୍କି ଓ ବାଟମାରଣା ରୋକିବା ପାଇଁ ବିଭିନ୍ନ କଠୋର ପଦକ୍ଷେପ ନିଆଯିବା ଫଳରେ ବିକ୍ରୀଟିକସ ବାବଦରୁ ବର୍ଷ ଶେଷବେଳକୁ ବଜେଟ ଅଟକଳ ତୁଳନାରେ ପ୍ରାୟ 100.00 କୋଟି

ଟଙ୍କା ଏବଂ ପ୍ରବେଶ କର ବାବଦରେ ବଜେଟ ଅଟକଳ ତୁଳନାରେ ପ୍ରାୟ 55.00 କୋଟି ଟଙ୍କା ଅଧିକ ଆଦାୟ ହେବ ବୋଲି ଆଶା କରାଯାଉଛି । ଏଣୁ ରାଜ୍ୟ ନିଜସ୍ୱ ବାବଦକୁ ବର୍ଷ ଶେଷ ବେଳକୁ ବଜେଟ ତୁଳନାରେ ଆୟ କମ୍ ହେବନାହିଁ ବୋଲି ମୋର ଦୃଢ ଭରସା ରହିଛି ।

୬. ଫଳସ୍ୱରୂପ ଯୋଜନାର୍ ଆକାର୍ 2840.40 କୋଟି ଟଙ୍କା ପରିବର୍ତ୍ତେ 1957.22 କୋଟି ଟଙ୍କା ହେବା କଥା । ସମସ୍ତ ପ୍ରକାର ଆନ୍ତରିକ ଉଦ୍ୟମ ଜରିଆରେ ଅବଶ୍ୟକୀୟ ଉନ୍ନୟନ ମୂଳକ କାର୍ଯ୍ୟରେ ବ୍ୟାଘାତ ନ ଘଟାଇବା ପାଇଁ ରାଜ୍ୟ ସରକାର ଅଣଯୋଜନା ରାଜସ୍ୱ ଖର୍ଚ୍ଚକୁ ଯଥା ସମ୍ଭବ ସୀମିତ ରଖିବାକୁ କଠୋର ଉଦ୍ୟମ କରିଛନ୍ତି । ତଥାପି କେତେକ ଜରୁରୀ ଓ ବାଧ୍ୟତାମୂଳକ ଖର୍ଚ୍ଚ ତୁଲାଇବା ପାଇଁ ପ୍ରଥମ ଅତିରିକ୍ତ ବଜେଟରେ ଅବସର କାଳୀନ ଭତ୍ତା ବାବଦକୁ ଅଧିକ 115.00 କୋଟି ଟଙ୍କା, ବାର୍ଦ୍ଧକ୍ୟ ଓ ବିକଳାଙ୍ଗ ଭତ୍ତା ବାବଦକୁ 7.52 କୋଟି ଟଙ୍କା ଓ ଉଠାଜଳସେଚନ ନିଗମକୁ ସବ୍‌ସିଡି ବାବଦକୁ 4.50 କୋଟି ଟଙ୍କା ଏହି ପରି ମୋଟ 127.02 କୋଟି ଟଙ୍କା ଅଧିକ ଖର୍ଚ୍ଚ ବ୍ୟବସ୍ଥା କରିବା ଆବଶ୍ୟକ ପଡିଲା । ତାହା ସତ୍ତ୍ୱେ ରାଜ୍ୟ ଅଣଯୋଜନା ରାଜସ୍ୱ ଖର୍ଚ୍ଚପାଇଁ ଚଳିତ ଆର୍ଥିକ ବର୍ଷରେ ରଖାଯାଇଥିବା ମୂଳ ଅଟକଳ 7491.65 କୋଟି ଟଙ୍କାକୁ ସଂଶୋଧନ କରାଯାଇ

ସଂଶୋଧିତ ଅଟକଳରେ ଏହାକୁ 7195.40 କୋଟି ଟଙ୍କାରେ ସୀମିତ ରଖାଯାଇଛି ।

7. ଘୋର ଅର୍ଥନୈତିକ ସଂକଟ ଦେଇ ଗତି କରୁଥିବା ଓଡିଶା ରାଜ୍ୟରେ ଅର୍ଥନୈତିକ ଶୃଙ୍ଖଳା ହାସଲ କରିବା ପାଇଁ ଅଣଯୋଜନା ରାଜସ୍ୱ ଖର୍ଚ୍ଚକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିବା, କଠୋର ଅର୍ଥନୈତିକ ସଂଯମ ରକ୍ଷା, ଟିକସ ଓ ଅଣଟିକସ ସୂତ୍ରରୁ ଅଧିକ ସମ୍ବଳ ସଂଗ୍ରହ ଏବଂ ଅନାବଶ୍ୟକ ଏବଂ ଅଣଉତ୍ପାଦକ ଖର୍ଚ୍ଚ ହ୍ରାସ କରି ଯୋଜନା ପାଇଁ ସମ୍ବଳ ପରିବର୍ଦ୍ଧନ କରିବା ସଂକଳ୍ପ ନେଇ ରାଜ୍ୟ ସରକାର ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ମାନ୍ୟବର ସଭ୍ୟମାନଙ୍କୁ ମୁଁ ଏଠାରେ ଅବଗତ କରାଇବା ପାଇଁ ଚାହେଁ ଯେ ପ୍ରଥମ ଅତିରିକ୍ତ ବଜେଟରେ ଉପରଲିଖିତ 127.02 କୋଟି ଟଙ୍କାର ଅଧିକ ଖର୍ଚ୍ଚକୁ ଅଣଯୋଜନା ରାଜସ୍ୱ ଖର୍ଚ୍ଚ କମାଇ ସମାଯୋଜନ କରାଯିବା ପାଇଁ ବ୍ୟବସ୍ଥା କରାଯାଉଛି । ପରିଣାମରେ ଅଣଯୋଜନା ରାଜସ୍ୱ ଖର୍ଚ୍ଚରୁ ସଞ୍ଚୟ କରାଯାଇଥିବା 296.25 କୋଟି ଟଙ୍କା ଏହି ଅତିରିକ୍ତ ବଜେଟ୍ ଦ୍ୱାରା କୌଣସି ମତେ ପ୍ରଭାବିତ ନ ହୋଇ ରାଜ୍ୟ ଯୋଜନା ପାଇଁ ସମ୍ବଳ ରୂପେ ବିନିଯୋଗ ହୋଇପାରିବ । ଅନ୍ୟାନ୍ୟ ସୂତ୍ରରୁ ଅଧିକ ଆୟ ତଥା ଅଧିକ ସଞ୍ଚୟ କରି ଆଉ 10.51 କୋଟି ଟଙ୍କା ଉପଲବ୍ଧ ହେବବୋଲି ଆକଳନ କରାଯାଇଛି । ରାଜ୍ୟ

ସରକାରୀ ଉଦ୍ୟୋଗର ସଂଶୋଧିତ ଅଟକ ହ୍ରାସ ପାଇ 286.02 କୋଟି ଟଙ୍କାରେ ଚୂଡାନ୍ତ ଭାବେ ଆକଳିତ ହୋଇଛି ।

୪. ମାନ୍ୟବର ସଭ୍ୟମାନେ ଅବଗତ ଥିବେ ଯେ ଯୋଜନା କମିଶନ୍ ଚଳିତ ବର୍ଷ ଯୋଜନାର ରୂପରେଖକୁ 2665.00 କୋଟି ଟଙ୍କାରେ ଧାର୍ଯ୍ୟକରି ମଞ୍ଜୁରୀ ଦେଇଛନ୍ତି । ସମ୍ବଳ ଯୋଗାଡ କରିବାରେ ଉପରଲିଖିତ କେତେକ ଅସୁବିଧାକୁ ମିଶାଇ ବହୁ ଅସୁବିଧା ସତ୍ତ୍ୱେ ବି ରାଜ୍ୟର ଉନ୍ନୟନର ଧାରାକୁ ଗତିଶୀଳ କରି ରଖିବା ପାଇଁ ଚଳିତ ଆର୍ଥିକ ବର୍ଷ ପାଇଁ ରାଜ୍ୟ ଯୋଜନାରେ ସଂଶୋଧିତ ଅଟକଳ 2550.00 କୋଟି ଟଙ୍କାରେ ସିମୀତ ରଖାଯାଇଛି । ଏହା ସାରଣୀ—୩ ରେ ବର୍ଣ୍ଣିତ ହୋଇଅଛି ।

## ସାରଣୀ—୩

(କୋଟି ଟଙ୍କା ହିସାବରେ)

| | | |
|---|---|---|
| 1. | 2000–01 ରାଜ୍ୟ ଯୋଜନା ବାବଦକୁ ସମ୍ବଳର ମୂଳ ଅଟକଳ | 2880.80 |
| 2. | ଗ୍ରୀଡ୍‌କୋ ଓ ସ୍ୱତନ୍ତ୍ର କେନ୍ଦ୍ରୀୟ ସାହାଯ୍ୟ ବାବଦକୁ ଅଟକଳ କରାଯାଇଥିବା ସମ୍ବଳର ନିଅଣ୍ଟ | (–)923.58 |
| 3. | ରାଜ୍ୟ ଯୋଜନା ବାବଦକୁ ସମ୍ବଳ ମିଳିବାର ଆକଳନ (1–2) | 1957.22 |
| 4. | ଅଣଯୋଜନା ରାଜସ୍ୱ ଖର୍ଚ୍ଚ ବାବଦରୁ ସଂଚୟ | 296.25 |
| 5. | ମୋଟ ରାଜ୍ୟ ଯୋଜନା ପାଇଁ ସମ୍ବଳର ଅଟକଳ | 2253.47 |
| 6. | ଅନ୍ୟାନ୍ୟ ସୂତ୍ରରୁ ଅଧିକ ଆୟ ଓ ଅଣଯୋଜନା ରାଜସ୍ୱ ଖର୍ଚ୍ଚରୁ ସଂଚୟ | 10.51 |
| 7. | ମୋଟ ରାଜ୍ୟ ଯୋଜନା ପାଇଁ ସମ୍ବଳ (5+6) | 2263.98 |

| | | |
|---|---|---|
| ୮. | ରାଜ୍ୟ ସରକାରୀ ଉଦ୍ୟୋଗର ସଂଶୋଧିତ ସମ୍ବଳ ଅଟକଳ | 286.02 |
| ୯. | ମୋଟ ରାଜ୍ୟ ଯୋଜନା ପାଇଁ ସଂଶୋଧିତ ଅଟକଳ (7+8) | 2550.00 |

୯. ଯୋଜନା କମିଶନ୍‌ଙ୍କ ଦ୍ୱାରା ଚଳିତ ବର୍ଷ ଯୋଜନା ପାଇଁ ଧାର୍ଯ୍ୟ ଅଟକଳଠାରୁ ଏହା ମାତ୍ର 115.00 କୋଟି ଟଙ୍କା କମ୍ । ରାଜ୍ୟ ସରକାରୀ ଉଦ୍ୟୋଗ ଗୁଡିକର ସମ୍ବଳ ହ୍ରାସ ଯୋଗୁଁ ହିଁ ଏହି 115.00 କୋଟି ଟଙ୍କା କମ୍ ହୋଇଛି । ଫଳରେ ରାଜ୍ୟ ସରକାରୀ ଉଦ୍ୟୋଗ ଗୁଡିକ ବ୍ୟତୀତ ରାଜ୍ୟର ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଗତିଧାରା ଚଳିତ ବର୍ଷରେ ଆକଳନ ମୁତାବକ ଅବ୍ୟାହତ ରହିବ । ମାନ୍ୟବର ସଭ୍ୟମାନଙ୍କ ଅବଗତି ନିମନ୍ତେ ମୁଁ କହିବା ପାଇଁ ଚାହେଁ ଯେ ଚଳିତ ବର୍ଷର ଅର୍ଥନୈତିକ ଦୁର୍ଗତି ଏତେ ଉତ୍କଟ ଆକାର ଧାରଣ କରିଛି ଯେ ଦୈନନ୍ଦିନ ପ୍ରଶାସନିକ ଖର୍ଚ୍ଚ ତୁଲାଇବା ପାଇଁ ମଧ୍ୟ ସରକାରଙ୍କୁ ଗତ ଏପ୍ରିଲ ପହିଲାଠାରୁ ଚଳିତ ବର୍ଷ ଜାନୁଆରୀ 31 ତାରିଖ ଭିତରେ 123 ଦିନ ପାଇଁ ସାଧନୋପାୟ ଅଗ୍ରୀମ (Ways & Means Advance) ବାବଦକୁ 1705.52 କୋଟି ଟଙ୍କା ଏବଂ ନ୍ୟାଯ୍ୟାଧିକ ଉଠାଣ (Overdraft) ବାବଦକୁ 164 ଦିନ ପାଇଁ 2485.30 କୋଟି ଟଙ୍କା ଆହରଣ

କରିବାକୁ ପଡିଥିଲା । ଅବଶ୍ୟ 1985–86 ମସିହା ଠାରୁ ଆଜିଯାଏ ଏଭଳି ଉଠାଣ ଓଡିଶା ପାଇଁ ଏକ ଗତାନୁଗତିକ ଧାରାରେ ପରିଣତ ହୋଇଥିଲେ ମଧ୍ୟ ଦିନ ଓ ପରିମାଣ ଆକାରରେ ଏହା କ୍ରମବର୍ଦ୍ଧମାନ ସ୍ଥିତିରେ ଅଛି । ନିମ୍ନଲିଖିତ ସାରଣୀରୁ ସାଧନୋପାୟ ଅଗ୍ରୀମ ଓ ନ୍ୟାଯ୍ୟାଧିକ ଉଠାଣ ବାବଦରେ ମାନ୍ୟବର ସଭ୍ୟମାନଙ୍କ ଅବଗତି ନିମନ୍ତେ ଏକ ତୁଳନାତ୍ମକ ଚିତ୍ର ସାରଣୀ–୪ ରେ ପ୍ରଦାନ କରାଯାଇଛି ।

<u>ସାରଣୀ–୪</u>

(କୋଟି ଟଙ୍କା ହିସାବରେ)

| ଆର୍ଥିକ ବର୍ଷ | ସାଧନୋପାୟ ଅଗ୍ରୀମ (Ways & Means Advance) ର ପରିମାଣ | କେତେ ଦିନ ସାଧନୋପାୟ ଅଗ୍ରୀମ (Ways & Means Advance) ନିଆଯାଇ ଅଛି | ନ୍ୟାଯ୍ୟାଧିକ ଉଠାଣ (Overdraft) ପରିମାଣ | କେତେଦିନ ନ୍ୟାଯ୍ୟାଧିକ ଉଠାଣ (Overdraft) କରାଯାଇଥିଲା |
|---|---|---|---|---|
| (1) | (2) | (3) | (4) | (5) |
| 1980–81 | 22.74 | 6 | – | – |
| 1984–85 | 137.43 | 73 | 411.79 | 154 |
| 1985–86 | 169.79 | 39 | 105.80 | 113 |
| 1989–90 | 417.77 | 133 | 165.01 | 41 |
| 1990–91 | 346.32 | 77 | 233.73 | 63 |
| 1991–92 | 371.90 | 115 | 321.97 | 33 |
| 1992–93 | 665.91 | 159 | 571.04 | 93 |

| | | | | |
|---|---|---|---|---|
| 1994–95 | 318.14 | 77 | 265.98 | 48 |
| 1995–96 | 479.04 | 47 | 136.51 | 15 |
| 1996–97 | 1462.77 | 93 | 820.98 | 93 |
| 1997–98 | 1295.07 | 87 | 871.73 | 105 |
| 1998–99 | 1612.82 | 158 | 1038.79 | 90 |
| 1999–2000 | 1867.40 | 144 | 1867.66 | 141 |
| 2001–2002 (ଏପ୍ରିଲ ଠାରୁ ଜାନୁଆରୀ, 2000 ପର୍ଯ୍ୟନ୍ତ) | 1705.52 | 123 | 2485.30 | 164 |

10. ରାଜ୍ୟର ଉନ୍ନୟନ ମୂଳକ କାର୍ଯ୍ୟକ୍ରମରେ ବିନିଯୋଗ କରିବାପାଇଁ ଆବଶ୍ୟକୀୟ ଅର୍ଥର ଅଭାବ ଏବଂ କରାଯାଇଥିବା ଋଣ ଉତ୍ପାଦନମୂଖୀ କାର୍ଯ୍ୟକ୍ରମରେ ନିୟୋଜିତ ନହୋଇ କିଭଳି ଭାବରେ ଅଣଯୋଜନା ରାଜସ୍ୱ ଖର୍ଚ୍ଚ ବାବଦରେ ବିନିଯୋଗ ହେବାପାଇଁ ଅଗତ୍ୟା ବ୍ୟୟ ହେଉଛି ତାହାର ବିଶଦ୍ ବିବରଣୀ ବଜେଟ ଭାଷଣର କଳେବରକୁ ଅଧିକ ବୃଦ୍ଧି କରିବା ଆଶଙ୍କାରେ ନଦେଇ ଚୁମ୍ବକରେ କିଛି ମୁଖ୍ୟାଂଶ କେବଳ ଉପସ୍ଥାପନା କରିବାପାଇଁ

ଯାଉଛି । ଅଣଯୋଜନା ରାଜସ୍ୱ ନଅଣ୍ଟର ପରିମାଣ ଜ୍ୟାମିତିକହାରରେ ପରିବର୍ଦ୍ଧିତ ହେବାଫଳରେ କ୍ରମପରିଣାମ ସ୍ୱରୂପ ସରକାରୀ ବ୍ୟୟ, ଋଣ ରାଶିର ପୁଞ୍ଜିନିଯୋଗ ବ୍ୟତିରେକ ରାଜସ୍ୱ ନିଅଣ୍ଟ ଭରଣା ବାବଦରେ ବ୍ୟୟ ଫଳରେ ଏହା ଅଣଉତ୍ପାଦନମୁଖୀ ଖର୍ଚ୍ଚରେ ରୂପାନ୍ତରିତ ହେଉଛି । ଫଳରେ ଉତ୍ପାଦନମୁଖୀ କାର୍ଯ୍ୟକ୍ରମ ଓ ରାଜ୍ୟର ଉନ୍ନୟନ ଅଭିମୁଖି କାର୍ଯ୍ୟକ୍ରମରେ ବିନିଯୋଗ ପାଇଁ ସମ୍ବଳର ଘୋର ଅଭାବ ପରିଲକ୍ଷିତ ହେଉଛି । ପୁଞ୍ଜିବାବଦ ଖର୍ଚ୍ଚ ସମୁଦାୟ ବଜେଟ ଖର୍ଚ୍ଚର 1980–81 ମସିହାରେ 28.22% ଥିଲାବେଳେ ତାହା 1999–2000 ମସିହାରେ 11.01% ରେ ପହଞ୍ଚିଛି । ଫଳରେ ରାଜ୍ୟର ମୋଟ ଉତ୍ପନ୍ନ ରାଶି ( G.S.D.P ) ର ଏହା 1980–81 ମସିହାରେ 5.80% ଥିଲାବେଳେ 1999–2000ମସିହାରେ 2.75% ରେ ପହଞ୍ଚିଛି । ଏହି ପରିସ୍ଥିତିରୁ ନିସ୍ତାର ଲାଭ ନ କରିପାରି ବାର୍ଷିକ ଉନ୍ନୟନ ଯୋଜନା ବାବଦକୁ ସମ୍ବଳ ଆକଳନ କରିବାରେ ଅନୁପଲବ୍ଧ ପରିସୀମା ଧାର୍ଯ୍ୟ କରାଯାଉଛି ଏବଂ କାର୍ଯ୍ୟକାରୀ କଲାବେଳକୁ ଯୋଜନାର କଳେବରକୁ କଠୋର ଭାବେ କର୍ତ୍ତନ କରିବା ଆବଶ୍ୟକ ହେଉଛି । ଏହାର ଏକ ତୁଳନାତ୍ମକ ଚିତ୍ର ମାନ୍ୟବର ସଭ୍ୟମାନଙ୍କ ବିଜ୍ଞ ଅବଗତି ନିମନ୍ତେ ନିମ୍ନ ସାରଣୀ–୫ ରେ ଦିଆଗଲା ।

## ସାରଣୀ – ୫

(କୋଟି ଟଙ୍କା ହିସାବରେ)

| ଆର୍ଥିକ ବର୍ଷ | ରାଜ୍ୟର ମୂଳଯୋଜନା ଅଟକଳ (ସାଧାରଣ ଉଦ୍ୟୋଗ ସହ) | ରାଜ୍ୟ ଯୋଜନା ବ୍ୟୟ (ସାଧାରଣ ଉଦ୍ୟୋଗ ସହ) |
|---|---|---|
| 1989–90 | 825.35 | 793.30 |
| 1990–91 | 1250.00 | 1091.42 |
| 1994–95 | 1951.00 | 1483.35 |
| 1995–96 | 1650.00 | 1369.96 |
| 1996–97 | 2201.18 | 2054.75 |
| 1997–98 | 2529.46 | 2037.08 |
| 1998–99 | 3084.43 | 2521.98 |
| 1999–2000 | 3309.17 | 2389.24 |

11. ଚଳିତ ବର୍ଷର ଯୋଜନାର ଆକଳନ ବନାମ କ୍ଷେତ୍ର ସ୍ଥିତିର ବାସ୍ତବ ଚିତ୍ର ଅପ୍ରେଲ ମାସ ପୂର୍ବରୁ ଉପଲବ୍ଧ ହେବା ସମ୍ଭବ ହେଉନଥିବାରୁ ଚଳିତ ବର୍ଷର ପରିସଂଖ୍ୟାନ ଦିଆଯାଇପାରୁନାହିଁ । ତଥାପି କିଭଳି ଭାବରେ ଚଳିତ ବର୍ଷର ଯୋଜନାର ଆକାରକୁ 2880.80 କୋଟି ଟଙ୍କାରୁ 2665.00 କୋଟି ଟଙ୍କାକୁ ଯୋଜନା କମିଶନ କମାଇଥିଲେ ଏବଂ କିଭଳି ଭାବରେ ଯୋଜନାର କ୍ଷେତ୍ରସ୍ଥିତି 2550.00 କୋଟି ଟଙ୍କାରେ ପହଞ୍ଚିବାର ସମ୍ଭାବନା ଅଛି ତାହା ଉପରେ ବର୍ଣ୍ଣିତ ହୋଇଛି । 18,100.00 କୋଟି ଟଙ୍କାର ଋଣଭାର ସହ 8458.51 କୋଟି ଟଙ୍କା ରାଜସ୍ୱ ଖର୍ଚ୍ଚକୁ

ଉତ୍ତରାଧିକାରୀ ସୂତ୍ରରେ ଆମ ସରକାରଙ୍କ ଉପଲବ୍ଧ ହୋଇଅଛି । ଏହି ଅତ୍ୟଧିକ ରାଜସ୍ୱ ବ୍ୟୟକୁ ଆଖିଆଗରେ ରଖି ଅର୍ଥ କମିଶନଙ୍କ ନିକଟରେ ତାଙ୍କୁ କମିଶନଙ୍କ ଅଧିନିର୍ଣ୍ଣୟ ଭରିଆରେ ଭରଣା କରିବାକୁ ରାଜ୍ୟ ସରକାର ଯେଉଁ ଦାବୀ କରିଥିଲେ ଏକାଦଶ ଅର୍ଥ କମିଶନ ଓଡିଶା ପ୍ରତି ଗୁରୁତର ଅନ୍ୟାୟ କରି ଆମର ପ୍ରକୃତ ବ୍ୟୟର ଅବମୂଲ୍ୟାଙ୍କନ ଏବଂ ପ୍ରକୃତ ଆୟର ଅଧି ମୂଲ୍ୟାଙ୍କନ କରିଥିବା ଫଳରେ ରାଜ୍ୟ ସରକାର ଏକାଦଶ ଅର୍ଥ କମିଶନଙ୍କ ଠାରୁ ଉପଯୁକ୍ତ ନ୍ୟାୟ ଲାଭ କରିପାରି ନାହାଁନ୍ତି ବରଂ ଏହା ଦ୍ୱାରା ସାଂଘାତିକ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି । ଏହାର ପ୍ରତିବାଦ କରି ରାଜ୍ୟ ସରକାର ଅର୍ଥ କମିଶନଙ୍କ ଠାରୁ ଆରମ୍ଭ କରି କେନ୍ଦ୍ର ଅର୍ଥ ମନ୍ତ୍ରୀ, ପ୍ରଧାନମନ୍ତ୍ରୀ ତଥା ଯୋଜନା କମିଶନଙ୍କର ଏହି ଅନ୍ୟାୟ ପ୍ରତି ଦୃଷ୍ଟିଆକର୍ଷଣ ପୂର୍ବକ ନିଜର ଦାବିକୁ ଉପସ୍ଥାପନ କରି ରାଜ୍ୟ ସରକାରଙ୍କ ନ୍ୟାଯ୍ୟ ଦାବୀ ଗ୍ରହଣ କରିନେବା ପାଇଁ ଆପତ୍ତି କରିଛନ୍ତି ଏବଂ ପ୍ରଧାନମନ୍ତ୍ରୀଙ୍କୁ ରାଜ୍ୟ ମୁଖ୍ୟମନ୍ତ୍ରୀ ଏହାର ଗମ୍ଭୀର ପରିଣତି ବିଷୟରେ ଅବଗତ କରାଇଛନ୍ତି ଏବଂ ପ୍ରଧାନମନ୍ତ୍ରୀ ତାହାକୁ ବିଚାର କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ସର୍ବଶେଷ ସର୍ବେକ୍ଷଣ ଅନୁଯାୟୀ ଓଡିଶା ରାଜ୍ୟ ବିହାର ରାଜ୍ୟଠାରୁ ବି ଅଧିକ ଦରିଦ୍ର ଏବଂ ଦେଶର ସର୍ବ ଦରିଦ୍ର ରାଜ୍ୟ ହିସାବରେ ପରିସଂଖ୍ୟାନ ସିଦ୍ଧ ହୋଇସାରିଥିଲେ ମଧ୍ୟ ବିଭିନ୍ନ ଅର୍ଥ କମିଶନ ତୁଳନାରେ ଏକାଦଶ ଅର୍ଥ କମିଶନ ବିହାର ରାଜ୍ୟ ଠାରୁ ଓଡିଶା ରାଜ୍ୟକୁ

କେନ୍ଦ୍ରରୁ ପୁଞ୍ଜି ହସ୍ତାନ୍ତର ଧାର୍ଯ୍ୟ କଲାବେଳେ ବହୁ କମ୍ ଅର୍ଥ ସୁପାରିଶ କରିଛନ୍ତି । ଅଷ୍ଟମ ଅର୍ଥ କମିଶନର ସୁପାରିଶ ମୁତାବକ ମୁଣ୍ଡପିଛା କେନ୍ଦ୍ରରୁ ରାଜ୍ୟକୁ ସମୁଦାୟ ହସ୍ତାନ୍ତରିତ ଅର୍ଥର ପରିମାଣ ବିହାର ପାଇଁ ଟ.478.93 ହୋଇଥିଲା ବେଳେ ଓଡିଶା ପାଇଁ ଥିଲା ଟ.870.20 । ସେହିଭଳି ନବମ ଅର୍ଥ କମିଶନଙ୍କ ସୁପାରିଶ ଅନୁଯାୟୀ ବିହାର ପାଇଁ ଏହି ଅର୍ଥର ପରିମାଣ ଟ.1983.22 ଟଙ୍କା ଥିଲାବେଳେ ଓଡିଶା ପାଇଁ ଥିଲା 2516.76 ଟଙ୍କା । ଓଡିଶା ପାଇଁ ଚରମ ଅନ୍ୟାୟ କରିଥିବା କମିଶନମାନଙ୍କ ଭିତରେ ଶ୍ରେଷ୍ଠ ଦଶମ ଅର୍ଥ କମିଶନରେ ମୁଣ୍ଡପିଛା ପୁଞ୍ଜି ହସ୍ତାନ୍ତର ବିହାରରେ ଟ.4375.20 ଥିଲାବେଳେ ଓଡିଶାରେ ଟ.4423.13 ଥିଲା । କିନ୍ତୁ ଏକାଦଶ ଅର୍ଥ କମିଶନ ଓଡିଶାର ମୁଣ୍ଡପିଛା ପୁଞ୍ଜି ହସ୍ତାନ୍ତର 9457.51 ଟଙ୍କା ସୁପାରିଶ କରି ଥିଲା ବେଳେ ବିହାର ପାଇଁ 10066.53 ଟଙ୍କା କରିଛନ୍ତି । ଏହା ରାଜ୍ୟପ୍ରତି ଓ ରାଜ୍ୟର ଦାରିଦ୍ର୍ୟପ୍ରତି ଅର୍ଥ କମିଶନଙ୍କ ଚରମ ଉପହାସ ବୋଲି ଆମେ ପ୍ରତିବାଦ କରିଛୁ ।

## 2001–02 ଆର୍ଥିକ ବର୍ଷର ବଜେଟ ଅଟକଳ

12. ଏହି ଭିତ୍ତିଭୂମି ଉପରେ ମୁଁ ଏହି ମହାନ ଗୃହରେ 2001–02 ଆର୍ଥିକ ବର୍ଷର ବଜେଟ ଅଟକଳ ଉପସ୍ଥାପନା କରିବାକୁ